# ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ

## ଓଡିଆ ସାହିତ୍ୟ ପରିଷଦ, ଶ୍ରୀରାମ ମହାବିଦ୍ୟାଳୟ, ରାମପୁର

ତା. ୩୦.୦୮.୨୦୧୯ରିଖ ଶୁକ୍ରବାର ଦିନ ମହାବିଦ୍ୟାଳୟର "ଓଡିଆ ସାହିତ୍ୟ ପରିଷଦ" ଆନୁକୂଲ୍ୟରେ "ସ୍ୱଭାବ କବି ଗଙ୍ଗାଧର ମେହେର"ଙ୍କ ୧୫୮ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରାମେଶ୍ୱର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସମାରୋହରେ ବରପାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଘନଶ୍ୟାମ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ମେହେରଙ୍କ ଅମ୍ଳାନ ସୃଷ୍ଟି "ତପସ୍ୱିନୀ" କାବ୍ୟରେ ସୀତା ଚରିତ୍ରର ମହନୀୟତା ଉପରେ ଆଲୋକପାତ କରିଥିଲେ । ଟ୍ରଷ୍ଟଫଣ୍ଡ ମହାବିଦ୍ୟାଳୟ, ବରଗଡର ଅଧ୍ୟକ୍ଷ ଡ. ସରୋଜ କୁମାର ଦେବତା ମୁଖ୍ୟବକ୍ତା ଓ ଅଧ୍ୟାପିକା ସଂଘମିତ୍ରା ମିଶ୍ର ସମ୍ମାନୀତ ବକ୍ତା ରୂପେ ଯୋଗଦାନ କରି ମେହେରଙ୍କ ସୃଷ୍ଟି ସୌରଭ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଭାବ ଗର୍ଭକ ମତାମତ ପ୍ରଦାନ କରିଥିଲେ । ଏହି ଅବସରରେ ଓଡିଆ ସାହିତ୍ୟ ପରିଷଦର ଆବାହକ ଅଧ୍ୟାପକ ସୁରେନ୍ଦ୍ର କୁମାର ମିଶ୍ର ସଭାର ଆଭିମୁଖ୍ୟ ଓ ଅଧ୍ୟାପକ ଶ୍ରୀ ଅଶ୍ୱିନୀ କୁମାର ପର୍ଡିଆ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।










